# ରାଜ୍ୟସଭା ନିର୍ବାଚନର ସତର୍କ ଘଣ୍ଟି

୩୧/୦୩/୨୦୦୨

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ରାଜ୍ୟସଭା ନିର୍ବାଚନର ଫଳାଫଳ ପୂର୍ବାଶଙ୍କା ଅନୁରୂପ ହୋଇଥିବାରୁ ଦଳ ଓ ଦଳପତିମାନଙ୍କ ପାଇଁ ବିଭିନ୍ନ କାରଣରୁ ସତର୍କ ଘଣ୍ଟି ସଦୃଶ ହୋଇଛି। ତିନୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଜି ଆମକୁ ଆନ୍ଦୋଳିତ କରୁଛି।

ମନୋନୟନପତ୍ର ଦାଖଲ ଦିନଠାରୁ ଏ ନିର୍ବାଚନରେ ବଡ଼ ଧରଣର ଘୋଡ଼ା ବେପାର ହେବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ରାଜନୈତିକ ଦଳମାନେ ଏହାକୁ ରୋକିବାପାଇଁ ଯଥେଷ୍ଟ ତତ୍ପରତା ପ୍ରକାଶ ମଧ୍ୟ କରିଥିଲେ। ତଥାପି ଏହାକୁ ପୂର୍ଣ୍ଣ ମାତ୍ରାରେ ରୋକାଯାଇପାରିଲା ନାହିଁ। ୧୪୨ଟି କାଏମ୍ ଭୋଟ୍ ମଧ୍ୟରୁ ୨୩ଟି ଭୋଟ୍ ଦଳର ନିର୍ଦ୍ଦେଶ ବିରୋଧରେ ଗଲା। କଂଗ୍ରେସର ୨ ଜଣ, ବିଜେପିର ପ୍ରଥମ ଓ ଦ୍ୱିତୀୟ ପସନ୍ଦ ଭୋଟ୍‌କୁ ମିଶାଇ ୮ ଜଣ ଏବଂ ବିଜେଡିର ୧୩ ଜଣ ଦଳର ନିର୍ଦ୍ଦେଶ ଅମାନ୍ୟ କରି ଭୋଟ୍ ଦେଲେ। ଏହାକୁ ଯଦି ଗୋଟିଏ ରୋଗ ବୋଲି ଧରାଯାଏ, ତାହାହେଲେ ଆମ ବ୍ୟବସ୍ଥା ଶତକଡ଼ା ୧୬ ଭାଗ ସଂକ୍ରମିତ ହେଲାଣି ବୋଲି କହିବାକୁ ହେବ। କଂଗ୍ରେସ ଦଳ ୩ ଜଣ ପ୍ରସ୍ତାବକ ସାଜିଥିବା ବିଧାୟକଙ୍କୁ ନିଲମ୍ବିତ କରି ଲୋକଦେଖାଣିଆ ହେଉ ପଛେ, ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ତେବେ ଏହା ପଛରେ ଆନ୍ତରିକତା କେତେ ଏବଂ କେତେ ପରିମାଣରେ ଲୋକଲଜ୍ୟାରୁ ବଞ୍ଚିବାପାଇଁ ଏଭଳି କାର୍ଯ୍ୟାନୁଷ୍ଠାନ ହୋଇଛି, ସେ ନେଇ ସନ୍ଦେହ ରହିଯାଉଛି। ଅତୀତରେ ବସନ୍ତବାବୁ ଏବଂ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର ମଧ୍ୟ ନିଲମ୍ବିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେମାନେ ଉପମୁଖ୍ୟମନ୍ତ୍ରୀ ଓ ପ୍ରଭାବଶାଳୀ ବିଧାୟକ ତଥା ପ୍ରଦେଶ ଯୁବ କଂଗ୍ରେସର ସଭାପତି ହେଲେ। କଂଗ୍ରେସ ଦଳର ନିଲମ୍ବନ ଆଦେଶ ପରୋକ୍ଷରେ ଆଶୀର୍ବାଦ ସଦୃଶ ହୋଇଥାଏ। ନିଲମ୍ବିତ ବିଧାୟକମାନଙ୍କୁ ଏକଥା କହି ବୁଝେଇ ଦିଆଯାଇ ନାହିଁ ତ? ସମୟ ହିଁ କହିବ, କେଉଁଟା ସତ ଏବଂ କେଉଁଟା ମିଛ। କିନ୍ତୁ ବିଜେପି ଓ ବିଜେଡି କ୍ଷମତାସୀନ ଦଳ ହୋଇଥିବା ଦୃଷ୍ଟିରୁ ହଠାତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ନିରାପଦ ମନେ କରୁନାହାନ୍ତି। ଏହା କଲେ ମେଣ୍ଟ ସରକାର ନିଶ୍ଚିତ ଭାବରେ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବ। ସମସ୍ୟା ବହୁଳ ପ୍ରଦେଶରେ କିଛିଦିନ ଏ ସମ୍ପର୍କରେ ଘାଲେଇ ରହିଗଲେ ସାଧାରଣ ଜନତା ଅନ୍ୟକଥା ଚିନ୍ତା କରିବେ ଏବଂ ଏକଥାକୁ ପାଶୋରି ଯିବେ। ଆମ ବିଚାରରେ ଦଳପତିମାନଙ୍କର ଏ ପ୍ରସଙ୍ଗକୁ ଅଣଦେଖା କରିବା ଆଦୌ ଗ୍ରହଣୀୟ ହେଉନାହିଁ ଏବଂ ବ୍ୟବସ୍ଥା ସାଧାରଣ ଜନତାର ଦୃଷ୍ଟିରେ ମର୍ଯ୍ୟାଦା ହରାଉଛି। କିଏ କାହାକୁ ଭୋଟ୍ ଦେଲା ବା ନ ଦେଲା, ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ ବୋଲି ସାରା ବ୍ୟବସ୍ଥା କ'ଣ ସେଥିପାଇଁ ନିନ୍ଦିତ ହେବ? ମୁଷ୍ଟିମେୟ ବିଧାୟକମାନଙ୍କ ଆଚରଣ ଯୋଗୁ ମୂଲ୍ୟବୋଧରେ ବିଶ୍ୱାସ କରୁଥିବା ସଂଖ୍ୟାଧିକ ବିଧାୟକମାନେ କାହିଁକି ପତିଆରା ହରାଇବେ? ଏହା ପ୍ରକାରାନ୍ତରେ ଖୋଲା ଭୋଟ ନିଷ୍ପତ୍ତି ପ୍ରସ୍ତାବକୁ ଅଧିକ ଗୁରୁତ୍ୱର ସହିତ ବିଚାର କରିବାପାଇଁ ସଙ୍କେତ ଦେଉନାହିଁ କି?

ତେବେ ଆମର ଏ ଅବସ୍ଥା ହୋଇଛି କାହିଁକି? ଦଳୀୟ ବ୍ୟବସ୍ଥା ଏଭଳି ସଙ୍କଟର ସମ୍ମୁଖୀନ ହୋଇଛି କାହିଁକି? ଆଧୁନିକ ଗଣତନ୍ତ୍ରରେ ଦଳଗୁଡ଼ିକର ଭୂମିକା ଯେତିକି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି, ଦଳ ଭିତରେ ଅଗଣତାନ୍ତ୍ରିକ ମନୋବୃତ୍ତି ଓ କାର୍ଯ୍ୟଶୈଳୀକୁ ସେଇ ପରିମାଣରେ ପ୍ରଶ୍ରୟ ଦିଆଯାଉଛି। ବିଧାୟକମାନେ ଦଳ ଭିତରେ ଯଦି ମନଖୋଲା କଥା କହିବାର ସୁଯୋଗ ପାଆନ୍ତେ, ଦଳୀୟ ନିଷ୍ପତ୍ତି ସମ୍ପର୍କରେ ନିଜର ନୀତିଗତ ବିରୋଧ ପ୍ରକଟ କରନ୍ତେ, ତାହାହେଲେ ଦଳ ବିରୋଧରେ ଲୁଚାଚୋରାରେ କେବଳ ନେତାଙ୍କୁ ପାନେ ଦେବାପାଇଁ ଏଭଳି ଆଚରଣ ପ୍ରଦର୍ଶନ କରନ୍ତେ ନାହିଁ। କିନ୍ତୁ ଦେଖାଯାଉଛି, ପ୍ରତ୍ୟେକ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ପ୍ରତି ସମ୍ମାନ କମିକମି ଯାଉଛି। ହାଇକମାଣ୍ଡବାଦ ଅଧିକରୁ ଅଧିକ ପ୍ରଭାବଶାଳୀ ହେଉଛି, ଓ ଦଳୀୟ ସମ୍ବିଧାନର ଖୋଲା ଉଲ୍ଲଂଘନ କରାଯାଉଛି। କଂଗ୍ରେସ ଦଳରେ ତ ଏହାକୁ ସଫଳତାର ଏକ କୌଶଳ ଭାବେ ସମସ୍ତେ ଗ୍ରହଣ କରି ନେଇଛନ୍ତି। କ୍ଷମତାସୀନ ବିଜେପି ମଧ୍ୟ ଏ ଦୃଷ୍ଟିରୁ କଂଗ୍ରେସର ଅନୁଗାମୀ ହେବାପାଇଁ ଅଧିକ ଉଚିତ ମନେ କରୁଛି। ଆଶା କରାଯାଉଥିଲା, ବିଜେଡି ଏକ ନୂଆ ଆଞ୍ଚଳିକ ଦଳ ଭାବେ ଆଭ୍ୟନ୍ତରୀଣ ଗଣତନ୍ତ୍ରକୁ ଅଧିକ ସମ୍ମାନ ଦେବ। କିନ୍ତୁ ପ୍ରାର୍ଥୀଚୟନ ପ୍ରକ୍ରିୟା ଓ ମନୋନୟନ ପର୍ବରୁ ଜଣାଗଲା, ଦଳର ସମ୍ବିଧାନ ଓ ନିୟମ ଗୋଟେଆଡ଼େ ତ ନେତାଙ୍କର ଖିଆଲ୍ ଅନ୍ୟ ଆଡ଼େ। ଦେଖାଯାଉଛି, ସବୁ ଦଳର ଦଳପତିମାନେ ସମସ୍ତ କ୍ଷମତାର କେନ୍ଦ୍ରବିନ୍ଦୁ ହେବାପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ ତଳସ୍ତରରେ ଥିବା ଦଳର ଅନ୍ୟ ସହଯୋଗୀମାନେ ଏହାକୁ ଶତକଡ଼ା ୧୦୦ ଗ୍ରହଣ କରିବାପାଇଁ ପ୍ରସ୍ତୁତ ନୁହଁନ୍ତି।

ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଲା- ଦୁର୍ନୀତି ଓ ବିଧାୟକମାନଙ୍କ ଅପରାଧପ୍ରବଣତା। ମନୋନୟନ ପର୍ବ ଦିନଠାରୁ ବିଧାୟକମାନଙ୍କର ଦସ୍ତଖତ ଜାଲିଆତି ପରି ଏକ ଗୁରୁତର ଅଭିଯୋଗକୁ ଦଳପତିମାନେ ଅଣଦେଖା କରୁଛନ୍ତି। ଜାଲିଆତି ଗୋଟିଏ ଧର୍ତ୍ତବ୍ୟ ଅପରାଧ। ଅଥଚ ଏ ପ୍ରକାର ଧର୍ତ୍ତବ୍ୟ ଅପରାଧ ସମ୍ପର୍କରେ ସମସ୍ତେ ନିରବ ରହିବାପାଇଁ ଉଚିତ ମନେ କରୁଛନ୍ତି। ଲକ୍ଷାଧିକ ଭୋଟରଙ୍କର ସମର୍ଥନରେ ନିର୍ବାଚିତ ମାନ୍ୟବର ପ୍ରତିନିଧିମାନଙ୍କର ଦସ୍ତଖତକୁ ଜଣେ ଜାଲ କରି ଦେଉଛି। ଆମ ଆଇନ ବ୍ୟବସ୍ଥାରେ ଏଭଳି ଅପରାଧ ପାଇଁ କ'ଣ କିଛି କାର୍ଯ୍ୟାନୁଷ୍ଠାନ ନାହିଁ? ସଂଜୟ ହଂସ ଓଲଟା କହୁଛନ୍ତି, ବିଧାୟକମାନଙ୍କର ଦସ୍ତଖତର ସିବିଆଇ ତଦନ୍ତ ହେଉ। ସତେ ଯେପରି ଆମ ପୁଲିସ୍ ବ୍ୟବସ୍ଥା ବା ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ଭରସା ନାହିଁ। ବିଧାୟକମାନଙ୍କର ଦସ୍ତଖତ ଜାଲ୍ କି ସଞ୍ଜୟ ହଂସଙ୍କର ବକ୍ତବ୍ୟଟି ମିଥ୍ୟା- ଏକଥା କ'ଣ ଜାଣିବା ପାଇଁ ସିବିଆଇର ଆବଶ୍ୟକତା ଅଛି? ସିବିଆଇ ବାଲା ବା କେତେ କଥା ବୁଝିବେ? ବାଲେଶ୍ୱର ସେକ୍ସ ସ୍କାଣ୍ଡାଲ୍‌ଠାରୁ ଆରମ୍ଭ କରି ଜଳସମ୍ପଦ ଦୁର୍ନୀତି ପର୍ଯ୍ୟନ୍ତ ସବୁ କଥାରେ ଏବେ ତ ସିବିଆଇ ଯାଞ୍ଚ ନ ହେଲେ ହେଉନାହିଁ। ଅଧିକ ସିବିଆଇ ଯାଞ୍ଚର ଦାବି ଆମ ପୁଲିସ୍ ବ୍ୟବସ୍ଥା ପ୍ରତି ଅସମ୍ମାନଜନକ ହେଉଛି ଏବଂ ଏ କ୍ଷେତ୍ରରେ ଆମ ମୁଖ୍ୟମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ସନ୍ଦେହମୁକ୍ତ କରୁନାହିଁ। ମାନ୍ୟବର ମୁଖ୍ୟମନ୍ତ୍ରୀ ଅନାସକ୍ତ ଭାବେ ଏହାର ଅନୁସନ୍ଧାନ କରି ସତ୍ୟର ସମର୍ଥନ କଲେ ସାଧାରଣ ଲୋକଙ୍କ ଦ୍ୱାରା ଅଧିକ ଆଦୃତ ହେବେ। ତା'ନହେଲେ ସନ୍ଦେହ ରହିଯିବ ଯେ, ବିଧାୟକମାନଙ୍କର ଦସ୍ତଖତ ଜାଲ ନୁହେଁ ଏବଂ ସତ୍ୟବାଦୀ ସଞ୍ଜୟ ହଂସ ନିଜର ବ୍ୟାବସାୟିକ ସ୍ୱାର୍ଥ ଦୃଷ୍ଟିରୁ ଏ କଥାକୁ ଆଉ ଆଗେଇ ନେବାପାଇଁ ଉଚିତ ମଣୁନାହାନ୍ତି।

ତୃତୀୟ ଓ ଶେଷ ପ୍ରସଙ୍ଗଟି ହେଲା- ନିର୍ବାଚିତ ହୋଇଥିବା ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟଙ୍କ କଥା। ଏ ସମ୍ମାନଜନକ ନିର୍ବାଚନରେ ସଫଳତା ତାଙ୍କୁ ନିଶ୍ଚିତ ଭାବରେ ଖୁସି କରିଥିବ। କିନ୍ତୁ ତାଙ୍କ ସମ୍ପର୍କରେ ଯେଉଁ ଅଭିଯୋଗଗୁଡ଼ିକ କେତେକ ସମ୍ବାଦପତ୍ରରେ ପ୍ରକାଶିତ ହୋଇଛି ତାହା ତାଙ୍କୁ ସେହି ପରିମାଣରେ ଚିନ୍ତିତ ମଧ୍ୟ କରୁଥିବ। ଓଡ଼ିଶାର ଜଣେ ମାନ୍ୟବର ରାଜ୍ୟସଭା ସଭ୍ୟଙ୍କର ସମ୍ପର୍କ ଦାଉଦ୍ ଇବ୍ରାହିମ୍‌ଙ୍କ ସହିତ ଅଛି ବୋଲି ଖୋଲାଖୋଲି ଭାବେ ଅଭିଯୋଗ କରି ଏଥିରେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରକୁ ମଧ୍ୟ ସମ୍ପୃକ୍ତ କରାଯାଇଛି। ଖବରକାଗଜଗୁଡ଼ିକ ଏଭଳି ତଥ୍ୟ କେବେ ଓ କେଉଁଠୁ ପାଇଲେ ହୁଏତ ଜଣାଇବା ପାଇଁ ବାଧ୍ୟ ନୁହନ୍ତି। କିନ୍ତୁ ଠିକ୍ ନିର୍ବାଚନ ଦିନ ଏ ସବୁର ପ୍ରକାଶନ ହୋଇଥିବାରୁ ଅନେକ କଥା ମନକୁ ଆସୁଛି। ଦିଲ୍ଲୀପବାବୁଙ୍କର ନିର୍ବାଚନ ଫଳାଫଳକୁ ପ୍ରଭାବିତ କରିବାପାଇଁ ହୁଏତ ଏହା ସମ୍ପୂର୍ଣ୍ଣ ମନଗଢ଼ା ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଇପାରେ। କିନ୍ତୁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଏଥିରେ ସମ୍ପୃକ୍ତ କରାଯାଇଥିବାରୁ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ କିଛିଟା ଅବଗତ ଥିଲେ ବୋଲି ସୂଚନା ଦିଆଯାଇଥିବାରୁ ଏହାକୁ ଛୋଟ କରି ଦେଖିହେବ ନାହିଁ। ବିଡ଼ମ୍ବନାର ବିଷୟ ଏହି ଯେ, ଯେଉଁଦିନ ପାର୍ଲାମେଣ୍ଟ ଆତଙ୍କବାଦ ବିରୋଧରେ ଲଢ଼େଇ କରିବାପାଇଁ 'ପୋଟୋ'କୁ ଅନୁମୋଦନ କରୁଛି, ସେହିଦିନ ଏପରି ଅଭିଯୋଗ ଦିଲ୍ଲୀପବାବୁଙ୍କ ବିରୋଧରେ ଅଣାଯାଇଛି। ଦିଲ୍ଲୀପବାବୁ ମଧ୍ୟ ବିଜେପି ଭୋଟ୍‌କୁ ଆଶା କରି ନିଜ ନିର୍ବାଚନ ବ୍ୟସ୍ତତା ମଧ୍ୟରୁ ସମୟ କାଢ଼ି 'ପୋଟୋ' ସପକ୍ଷରେ ମତ ଦେବାପାଇଁ ରାଜ୍ୟସଭାରେ ଭୋଟ ଦେଇଥିଲେ। ଆଜି ତାଙ୍କର ଆତଙ୍କବାଦୀ ଦାଉଦ୍ ଇବ୍ରାହିମ୍ ସହିତ ସମ୍ପର୍କ ଅଛି ବୋଲି କୁହାଯାଉଛି। ଏହା କ'ଣ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଆମ ମୁଖ୍ୟମନ୍ତ୍ରୀ ଏବଂ ଦିଲ୍ଲୀପବାବୁଙ୍କ ପାଇଁ ନିଜ ନିଜ ଦୃଷ୍ଟିରୁ ଏକ ସମ୍ମାନର ପ୍ରଶ୍ନ ନୁହେଁ? ପ୍ରଧାନମନ୍ତ୍ରୀଙ୍କର ଦପ୍ତର ଏହାକୁ ଖଣ୍ଡନ କରନ୍ତୁ। ଗୃହମନ୍ତ୍ରୀ ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦିଅନ୍ତୁ। ମୁଖ୍ୟମନ୍ତ୍ରୀ ଓ ଦିଲ୍ଲୀପବାବୁ ସ୍ପଷ୍ଟ କରି କୁହନ୍ତୁ, ଏଥିରେ ସତ କେତେ ଏବଂ ମିଛ କେତେ? ଏସବୁ ଅଭିଯୋଗର ପ୍ରତିକାର ପାଇଁ ଆମ ବିଧି ଶାସନରେ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅଛି। ତାକୁ ମୁଖ୍ୟମନ୍ତ୍ରୀ ବା ଦିଲ୍ଲୀପବାବୁ ଅଣଦେଖା କରନ୍ତୁ ନାହିଁ। ତା'ନ ହେଲେ ମୁଖ୍ୟମନ୍ତ୍ରୀଙ୍କର ଦୁର୍ନୀତିବିରୋଧୀ ସମସ୍ତ ଆସ୍ଫାଳନ ଏବଂ ଦିଲ୍ଲୀପବାବୁଙ୍କର ବିଜୁପ୍ରେମୀମାନଙ୍କୁ ଏକାଠି କରିବାର ଆବେଗ ତଥା ବିଜେପିର ଆତଙ୍କବାଦ ବିରୋଧୀ ଅଭିଯାନ ସବୁ ଏକ ବଡ଼ ଫାର୍ସରେ ପରିଣତ ହେବ। ଆମ ବ୍ୟବସ୍ଥା ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବ।